# ବର୍ଷା ଦିନିଆ ପିଆଜ ଚାଷ

ଆମ ଜିଲ୍ଲାରେ ୮୨୪ ହେକ୍ଟର ଜମିରେ ପିଆଜ ଚାଷ କରାଯାଏ । ସାଧାରଣତଃ ପିଆଜ ଏକ ରବି ଋତୁ କାଳୀନ ଫସଲ । ଦୀର୍ଘ ବର୍ଷ ଧରି ଚାଷୀ ଭାଇମାନେ ଏହି ଫସଲକୁ ଶୀତ ଋତୁରେ ଚାଷ କରି ଆସୁଛନ୍ତି । କିନ୍ତୁ ଏହାକୁ ମଧ୍ୟ ଅଣ ଋତୁ ବା ଅଦିନିଆ ଚାଷ କରାଯାଇପାରିବ । ବର୍ତ୍ତମାନ ସମୟରେ ଖରିଫ ବା ବର୍ଷା ଋତୁରେ ପିଆଜ ଚାଷ କରାଗଲାଣି । ବର୍ଷାଦିନରେ ପ୍ରତିକୂଳ ପରିବେଶ ପାଇଁ ସାଧାରଣତଃ ଅମଳ କମ୍ ହୋଇଥାଏ । ତେଣୁ ଚାଷୀ ଭାଇମାନେ ନିମ୍ନ ଲିଖିତ ପଦ୍ଧତି ଅନୁସରଣ କଲେ ବର୍ଷାଦିନିଆ ପିଆଜ ଚାଷରୁ ଆଶାନୁରୂପ ଅମଳ ପାଇବା ସହିତ ବଜାରରେ ଅଧିକ ଚାହିଦା ଥିବାରୁ ଲାଭବାନ୍ ମଧ୍ୟ ହୋଇ ପାରିବେ ।

**ବର୍ଷା ଦିନିଆ ପିଆଜ ଚାଷରେ କମ୍ ଅମଳ ହେବାର କାରଣ :**

୧) ଖରିଫ ଋତୁ ପାଇଁ ଅନୁପଯୁକ୍ତ କିସମ ଚାଷ ।

୨) ବିଳମ୍ବରେ ଚାରା ପକାଇବା ବା ତଳି ରୋପଣ ।

୩) ଖରିଫ ଋତୁରେ ପିଆଜ ତଳି ପକାଇବା ଓ ଚାରା ପ୍ରସ୍ତୁତି କରିବା କଷ୍ଟସାଧ ହୋଇଥାଏ ।

୪) ବର୍ଷା ଦିନରେ ସାଧାରଣତଃ ଝାଉଁଳା ରୋଗ ହୋଇ ଅଧିକ ଚାରା ନଷ୍ଟ ହୋଇଯାଏ ।

୫) ଅନୁକୂଳ ପରିବେଶ ପାଇ ଏହି ଋତୁରେ ପିଆଜର ପତ୍ରପୋଡା ରୋଗ ଅଧିକ ହୁଏ ।

୬) ଏହି ଋତୁରେ ମାଟିରୁ ପାଣି ନିଷ୍କାସନ ଭଲ ଭାବେ ହୋଇ ନ ପାରିବାରୁ ଚେର ସଢା, ମୂଳ ସଢା, ଦେକ ସଢା ଇତ୍ୟାଦି ମୃତ୍ତିକା ଜନିତ ରୋଗ ଅଧିକ ପରିମାଣରେ ଦେଖାଯାଏ ।

୭) ନିୟମିତ ବୃଷ୍ଟିପାତ ଓ ଆର୍ଦ୍ରତା କାରଣରୁ ସିଞ୍ଚନ କରାଯାଉଥିବା ଫିମ୍ପି ନାଶକର କାର୍ଯ୍ୟକାରିତା କମିଯାଏ ।

୮) ବର୍ଷା ଋତୁରେ ଘାସ ସମସ୍ୟା ଅଧିକ ହୋଇଥାଏ ।

୯) ଜମିରେ ପ୍ରୟୋଗ ହେଉଥିବା ସାର ଅଧିକ ବୃଷ୍ଟିପାତ ହେତୁ ଧୋଇ ହୋଇଯାଏ ।

୧୦. ଅମଳ ପରବର୍ତ୍ତୀ ଯତ୍ନ ଯଥା ଶୁଖାଇବା, ସାଇତି ରଖିବା ଇତ୍ୟାଦି କଷ୍ଟସାଧ ହୋଇଥାଏ ।

୧୧) ଅମଳ ହେବା ପରେ ଅନୁକୂଳ ପରିବେଶ ପାଇ ପିଆଜ ଗଜା ହୋଇ ନଷ୍ଟ ହୋଇଯାଏ ।

## ସ୍ଥାନ ନିରୂପଣ

ବର୍ଷା ଦିନିଆ ଚାଷରେ ଜମିରେ ପାଣି ଜମିବାର ଆଶଙ୍କା ଥାଏ । ତେଣୁ ଈଷତ୍ ଢାଲୁ ଜମି ଓ ନିଗିଡା ମାଟି ବାଛିବା ଦରକାର । ବର୍ଷା ଦିନରେ ରୋଗ ଆକ୍ରମଣର ଆଶଙ୍କା ଅଧିକ ଥାଏ । ତେଣୁ ଚାଷ କରିବାକୁ ଥିବା ସ୍ଥାନ ରୋଗ ଜୀବାଣୁ ମୁକ୍ତ ଓ ବିଶୋଧିତ ହେବା ଦରକାର । ଚାଷ ହେବାକୁ ଥିବା ସ୍ଥାନରେ ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ଆବଶ୍ୟକ । ଯାହା ଦ୍ଵାରା ସମାନ ପ୍ରକାରର ରୋଗ ବ୍ୟାପିବାର ଆଶଙ୍କା କମିଯାଏ ।

## ମାଟି:

ନିଗିଡ଼ା ହାଲୁକା ବାଲିଆ ଦୋରସା ବା ଦୋରସା ମାଟି ବର୍ଷାଦିନିଆ ଚାଷ ପାଇଁ ଉପଯୁକ୍ତ ଅଟେ । ମାଟି ଭଲ ଭାବେ ଚାଷ ହୋଇ ଗୁଣ୍ଡ ହେବା ଦରକାର । ବର୍ଷାଦିନରେ ଜମିରୁ ଜଳ ନିଷ୍କାସନ ପାଇଁ ଆବଶ୍ୟକ ମୁତାବକ ନାଳୀ ପ୍ରସ୍ତୁତ କରାଯିବା ଉଚିତ ।

## କିସମ ଚୟନ :

ଖରିଫ ଋତୁ ପାଇଁ ଉପଯୁକ୍ତ କିସମ ଚୟନ କରିବା ଉଚିତ । ଏହି କିସମ ଗୁଡିକର ରୋଗ ପୋକ ସହଣୀ ଶକ୍ତି ଥିବା ଉଚିତ । ସାଧାରଣତଃ ଖରିଫ ଚାଷ ପାଇଁ ଉପଯୁକ୍ତ କିସମ ଗୁଡିକ ପିଆଜ ହେବା ବେଳକୁ ଥଣ୍ଡା ତାପମାତ୍ରା ଓ ଛୋଟ ଦିନ (୧୦ ରୁ ୧୧ ଘଣ୍ଟା) ଦରକାର କରେ । ସେହିପରି କେତେକ କିସମ ଗୁଡିକ



ହେଲା - ଭିମା ସୁପର, ଭିମାରେଡ, ଭିମାରାଜ, ଭିମା ଡାର୍କ ରେଡ, ଆଗ୍ରିଫାଉଣ୍ଡ ଡାର୍କ ରେଡ, ଏନ-୫୩ ଇତ୍ୟାଦି ବର୍ଷାଦିନ ପାଇଁ ଉଦ୍ଦିଷ୍ଟ କିସମର ମାଟିରେ ଥିବା ଅଧିକ ଜଳୀୟ ଅଂଶ ସହଣୀ ଶକ୍ତି ଥିବା ଆବଶ୍ୟକ । ଏହି କିସମର ପିଆଜର ବେକ ସରୁ ଥିବା ଦରକାର କାରଣ ଏହି ସ୍ଥାନ ରୋଗ ସଂକ୍ରମଣର ମାଧ୍ୟମ ହୋଇଥାଏ ।

## ଆବଶ୍ୟକୀୟ ଜଳବାୟୁ :

ଖରିଫ ପିଆଜ ଚାଷ ପାଇଁ ୧୨ ରୁ ୧୮° ସେ. ରାତ୍ରି ତାପମାତ୍ରା ଓ ୨୫ ରୁ ୩୦° ସେ. ଦିନ ତାପମାତ୍ରା ରହିବା ଆବଶ୍ୟକ । ଏହି ସମୟରେ ୩୦ ରୁ ୪୦ ସେ.ମି. ବୃଷ୍ଟିପାତ ଉପଯୁକ୍ତ ଅଟେ ।

## ଚାଷ ପ୍ରଣାଳୀ :

ବର୍ଷା ଦିନିଆ ପିଆଜ ଚାଷ ପାଇଁ ସାଧାରଣତଃ ୬.୫ ଫୁଟ ଚଉଡା ଓ ୬ ରୁ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଶଯ୍ୟା ତିଆରି କରାଯାଏ । ଗୋଟିଏ ଶଯ୍ୟାରୁ ଅନ୍ୟ ଶଯ୍ୟା ଭିତରେ ଦୂରତା ୧ ଫୁଟ ରଖାଯାଏ । ଯାହା ମଧ୍ୟ ଦେଇ ଜଳ ନିଷ୍କାସିତ ହୁଏ । ଦରକାର ମୁତାବକ ଶଯ୍ୟା ଲମ୍ବ ରଖାଯାଏ ।

ମଞ୍ଜି ପରିମାଣ : ଏକର ପ୍ରତି ୪ ରୁ ୫ କି.ଗ୍ରା.

ମଞ୍ଜି ବୁଣିବା ସମୟ : ଜୁନ୍‌ରୁ ଜୁଲାଇ ମାସ ।

## ତଳିଘେରା ପରିଚାଳନା :

ସାଧାରଣତଃ ଏକ ଏକର ପିଆଜ ଚାଷ ପାଇଁ ୪୦୦ ବର୍ଗ ମିଟର ତଳି ଘେରା ଦରକାର ହୁଏ । ମଞ୍ଜି ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ପିଛା ୨ ଗ୍ରାମ ଭିଟାଭାକ୍ସ ପାଓ୍ଵାର ଫିମ୍ପି ନାଶକରେ ବିଶୋଧନ କରନ୍ତୁ । ବର୍ଷା ଦିନରେ ଜରି ଗୃହ ବା କମ୍ ଖର୍ଚ୍ଚରେ ହେଉଥିବା ପ୍ଲାଷ୍ଟିକ୍ ସୁଡଙ୍ଗରେ ଚାରା ପକାଇବା ପାଇଁ ବ୍ୟବହାର କରିବା ଉଚିତ । ୨ ଫୁଟ ଚଉଡା, ୬ ଇଞ୍ଚ ଉଚ୍ଚତା ଓ ଆବଶ୍ୟକ ମୁତାବକ ଲମ୍ବର ପଟାଳି ପ୍ରସ୍ତୁତ କରନ୍ତୁ । ପ୍ରତି ବର୍ଗମିଟର ପିଛା ୫ କି. ଗ୍ରା. ସଢା ଗୋବର ଖତ, ୫ ରୁ ୧୦ ଗ୍ରାମ୍ ସୁଫଳା ସାର ୫୦୦ ଗ୍ରାମ ନିମ୍ବ ପିଡିଆ ଓ ୫୦୦ ଗ୍ରାମ ଜିଆଖତ ବିହନ

ବୁଣିବାର ୧୫ ଦିନ ପୂର୍ବରୁ ଦିଆଯାଏ ଓ ଜଳସେଚନ କରାଯାଏ । ପ୍ରତି ତଳି ଶଯ୍ୟା ମଧ୍ୟରେ ୬ ଇଞ୍ଚ ଦୂରତା ରଖାଯାଏ ।ତଳି ପକାଇବା ସ୍ଥାନରେ ବଗିର୍ସ ମାଟି ନଥିଲେ ଅନ୍ୟ ସ୍ଥାନରୁ ବାଲି ବଗିର୍ସ ମାଟି ଓ ଖତ (୧:୧:୧) ଅନୁପାତରେ ମିଶାଇ ତଳି ଶଯ୍ୟା ପ୍ରସ୍ତୁତ କରାଯାଏ । ଯଥେଷ୍ଟ ସୂର୍ଯ୍ୟକିରଣ ପଡୁଥିବା ଖୋଲା, ପାଣିନିଗିଡା ସ୍ଥାନରେ ତଳି ପ୍ରସ୍ତୁତି କରିବା ଆବଶ୍ୟକ ।

ପ୍ରସ୍ତୁତ ହୋଇଥିବା ତଳି ଶଯ୍ୟାରେ ୨ ଇଞ୍ଚ ବ୍ୟବଧାନରେ ଧାଡିରେ ବିହନ ବୁଣନ୍ତୁ । ବିହନ ବୁଣିବା ପରେ ଶଯ୍ୟା ଉପରେ ନଡ଼ା ବିଛାଇ ଦିଅନ୍ତୁ ଓ ଝରା ମାଧ୍ୟମରେ ଜଳସେଚନ କରନ୍ତୁ । ଗଜା ହେବା ମାତ୍ରେ ଶଯ୍ୟାରୁ ନଡା ବାହାର କରି ଦିଅନ୍ତୁ । ତଳିଘରା କଟା ରୋଗ ଦେବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ଗ୍ରାମ ରିଡୋମିଲ ଓ ୧ ଗ୍ରାମ ପ୍ଲାନ୍‌ଟୋମାଇସିନ୍ ମିଶାଇ ତଳି ଶଯ୍ୟାକୁ ଭିଜାଇ ଦିଅନ୍ତୁ । ମୃତ୍ତିକା ଜନିତ ପୋକ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ । ତଳି ଉପାଡିବାର ୩ ଦିନ ପୂର୍ବରୁ ଜଳ ସେଚନ ବନ୍ଦ କଲେ ମୁଖ୍ୟ ଜମିରେ ରୋପଣ ପରେ ଏହା ପ୍ରତିକୂଳ ପରିବେଶ ସହିତ ଖାପ ଖୁଆଇ ବଞ୍ଚିବା ସହଜ ହୋଇଥାଏ ।

ତଳି ଘେରାରେ ପତ୍ରପୋଡା ବା ଅଗମରା ରୋଗ ଦେଖାଗଲେ ପୋଟାସିୟମ୍ ଓ ବୋରନ ପ୍ରୟୋଗ କରନ୍ତୁ । ତଳି ୪୫ ରୁ ୫୫ ଦିନର ହେଲେ ତଳି ରୋପଣ କରନ୍ତୁ ।

## ଲଗାଇବା ସମୟ :

ପିଆଜ ଗଛରେ ଏକ ଛୋଟ ପିଆଜ ଆକାର (ଗୁଳି) ସୃଷ୍ଟି ହେଲେ ତାହା ଉପଯୁକ୍ତ ଲଗାଇବା ଗଛ ବୋଲି ଜଣାଯାଏ । ଖରିଫ ଋତୁ ଚାଷପାଇଁ ଜୁଲାଇରୁ ଅଗଷ୍ଟ ହେଉଛି ଉପଯୁକ୍ତ ଲଗାଇବା ସମୟ । ବିଳମ୍ବିତ ଖରିଫ ଚାଷରେ ଅଗଷ୍ଟରୁ ସେପ୍ଟେମ୍ବର ମାସରେ ମଧ୍ୟ ତଳି ରୋପଣ କରାଯାଇପାରିବ ।

## ଲଗାଇବା ପଦ୍ଧତି :

ବର୍ଷା ଦିନରେ ଶୁଖିଲା ପାଗ ଥିଲେ ରୋପଣ ପାଇଁ ପ୍ରସ୍ତୁତ ହୋଇଥିବା ଜମିରେ ଲଗାଇବାର ୨ ଦିନ ପୂର୍ବରୁ ଜଳ ସେଚନ କରାଯାଏ ଏବଂ ଲଗାଇବା ପରେ ମଧ୍ୟ ଜଳ



ସେଚନ କରାଯାଏ । ଅନ୍ୟ ପଦ୍ଧତିରେ ପ୍ରସ୍ତୁତ ହୋଇଥିବା ଜମିରେ ଜଳ ସେଚନ କରିବା ପରେ ଓଦା ମାଟିରେ ଗଛ ରୋପଣ କରାଯାଏ ।

## ଲଗାଇବା ଦୂରତା :

ଧାଡିକୁ ଧାଡି ୬ ଇଞ୍ଚ ଦୂରତାରେ ଓ ଧାଡି ମଧ୍ୟରେ ଗଛରୁ ଗଛ ୪ ଇଞ୍ଚ ବ୍ୟବଧାନରେ ରୋପଣ କରନ୍ତୁ ।

## ଖାଦ୍ୟସାର ପରିଚାଳନା :

ଏକର ପିଛା ୮୦ ରୁ ୧୦୦ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ । ରାସାୟନିକ ସାର ହିସାବରେ ଏକର ପିଛା ୬୦ କି.ଗ୍ରା. ଯବକ୍ଷାରଜାନ, ୨୦କି.ଗ୍ରା. ଫସଫରସ୍, ୩୨ କି.ଗ୍ରା. ପଟାସିୟମ୍ ଓ ୨୦ କି.ଗ୍ରା. ସଲଫର ପ୍ରୟୋଗ କରନ୍ତୁ । ଅନୁମୋଦିତ ସମସ୍ତ ସାର ଓ ୫୦ ଭାଗ ଯବକ୍ଷାରଜାନକୁ ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ ।

ଲଗାଇବାର ୩୦ ଦିନ ପରେ୨୫ ଭାଗ ଯବକ୍ଷାରଯାନ ଓ ୪୫ ଦିନ ପରେ ଅବଶିଷ୍ଟ ୨୫ ଭାଗ ଯବକ୍ଷାରଯାନ ପ୍ରୟୋଗ କରନ୍ତୁ । ନିମ୍ନଲିଖିତ ସାରଣୀରେ ଏକର ପିଛା କେଉଁ ସାର କେତେବେଳେ ଦିଆଯିବ ଲେଖାଗଲା ।

| ସାର ଦେବା ସମୟ | ୟୁରିଆ | ସୁପର | ପଟାସ | ଗୋବର ଖତ |
|---|---|---|---|---|
| ରୋପଣ ପୂର୍ବରୁ | ୬୦ କି.ଗ୍ରା. | ୧୨୦ କି.ଗ୍ରା. | ୫୦ କି.ଗ୍ରା. | ୮୦ ରୁ ୧୦୦ କ୍ୱିଣ୍ଟାଲ |
| ରୋପଣର ୩୦ ଦିନ ପରେ | ୩୦ କି.ଗ୍ରା. | | | |
| ରୋପଣର ୪୫ ଦିନପରେ | ୩୦ କି.ଗ୍ରା. | | | |
| ମୋଟ ସାର | ୧୨୦ କି. ଗ୍ରା. | ୧୨୦ କି.ଗ୍ରା. | ୫୦ କି.ଗ୍ରା. | ୮୦ ରୁ ୧୦୦ କ୍ୱିଣ୍ଟାଲ |

ସୁପର ଫସଫେଟ୍‌ରେ ଥିବା ସଲଫର୍ ଫସଲକୁ ଉପଲବ୍ଧ ହୋଇଥାଏ । ସଲଫର ପୋଷାକ ପିଆଜରେ ରାଗ ବାସ୍ନା ଓ ରକ୍ଷଣ ବା ଗଚ୍ଛିତ ସମୟ ବଢ଼ାଇଥାଏ । ବଜାରରେ ମିଳୁଥିବା ସିଞ୍ଚନ ଯୋଗ୍ୟ ଜିଙ୍କ ସଲଫେଟ୍ ଲିଟର ପ୍ରତି ୨ ମି.ଲି. ପ୍ରୟୋଗ କଲେ ଅମଳ ବୃଦ୍ଧି ହୁଏ ।

## ଅନ୍ତଃ କର୍ଷଣ :

ପିଆଜ ଲଗାଇବାର ୬୦ ରୁ ୭୦ ଦିନ ପରେ ମାଟି ଭିତରେ ପିଆଜ ବୃଦ୍ଧି

ଆରମ୍ଭ ହୋଇଥାଏ । ତେଣୁ କୋଡା, ଖୋସା ଘାସ ବଛା, ସାର ଦେବା ଇତ୍ୟାଦି ଲଗାଇବାର ୫୦ ଦିନ ପୂର୍ବରୁ ଶେଷ ହେବା ଉଚିତ୍ । ନଚେତ୍ ଏହା ପିଆଜ ବୃଦ୍ଧି ଉପରେ ପ୍ରଭାବ ପକାଇଥାଏ ଏବଂ ପିଆଜ ଦୁଇ ଫାଳିଆ ହୋଇଯାଏ ।

## ଘାସ ଦମନ :

ରୋପଣର ୫ ଦିନ ପୂର୍ବରୁ ଜମି ଓଦା ଥିବାବେଳେ ଅକ୍ସିଫ୍ଲୋରୋଫେନ୍ ନାମକ ଘାସମରା ଔଷଧ ପ୍ରତି ଲିଟର ପାଣିରେ ୦.୫ ମି.ଲି. ମିଶାଇ ସିଞ୍ଚନ କରନ୍ତୁ । ଲଗାଇବାର ୧୫ ରୁ ୨୦ ଦିନ ପରେ ଘାସ ବାହାରିଲା ପରେ ପ୍ରତି ଲି. ପାଣିରେ ୦.୫ ମି.ଲି. ଅକ୍ସିଫ୍ଲୋରୋଫେନ୍ ଓ ୨ ମି.ଲି. କୁଇଜଲପପ୍ ଇଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ ।

## ଜଳସେଚନ :

ପିଆଜ ଚେର ଅତି ବେଶୀରେ ୩ ରୁ ୪ ଇଞ୍ଚ ଗଭୀର ପର୍ଯ୍ୟନ୍ତ ବଢ଼ିଥାଏ । ତେଣୁ ଅଳ୍ପ କିନ୍ତୁ ଅଧିକ ଥର ଜଳସେଚନ ଆବଶ୍ୟକ ହୋଇଥାଏ । ମାଟିରେ ପିଆଜ ବୃଦ୍ଧି ସମୟରେ ସାଧାରଣତଃ ମୌସୁମୀ ବର୍ଷା ବନ୍ଦ ହୋଇଯାଏ । ଏହି ଅବସ୍ଥା ଜଳ ସେଚନ ପାଇଁ ସଙ୍କଟାପନ୍ନ ହୋଇଥିବାରୁ ଆବଶ୍ୟକତା ଅନୁସାରେ ଜଳସେଚନ କରିବା ଉଚିତ୍, ନଚେତ୍ ଅମଳ ହ୍ରାସ ପାଇଥାଏ । କିନ୍ତୁ ପିଆଜ ପରିପକ୍ୱ ହେବା ସମୟରେ ଜଳସେଚନ ବନ୍ଦ କରିବା ଆବଶ୍ୟକ । ସାଧାରଣତଃ ଅମଳର ୧୫ ଦିନ ପୂର୍ବରୁ ଜଳସେଚନ ବନ୍ଦ କରାଯାଏ ନଚେତ୍ ଅମଳ ପରେ ପିଆଜର ସାଇତି ରଖିବା ସମୟ କମିଯାଏ ।

## ରୋଗ ନିରାକରଣ :

ପତ୍ର ପୋଡା, ମୂଳ ସଢା, ବେକ ସଢା ଇତ୍ୟାଦି ରୋଗ ପ୍ରାଦୁର୍ଭାବ ବର୍ଷା ଦିନରେ ଦେଖାଦିଏ । ଏଥିପାଇଁ ମଞ୍ଜି ବିଶୋଧନ କରିବା ଆବଶ୍ୟକ । ତଳିର ଚେରକୁ ବାଭିଷ୍ଟିନ ଦ୍ରବଣ (୨ ଗ୍ରାମ/ଲି) ରେ ବିଶୋଧନ କରି ଲଗାଇବା ଉଚିତ୍ । ରୋଗ ଆକ୍ରମଣ ଦେଖାଦେଲେ ଡାଇଥେନ୍-ଏମ୍-୪୫ (୩ଗ୍ରାମ / ଲି) ସିଞ୍ଚନ କରନ୍ତୁ ।

## ପୋକ ନିରାକରଣ :

ଉକୁଣୀ ପୋକ ଆକ୍ରମଣ ପିଆଜ ଫସଲରେ ଅଧିକ ମାତ୍ରାରେ ଦେଖାଯାଏ ।ଏଥିପାଇଁ ଏକର ପିଛା ୪୦ କି.ଗ୍ରା. ନିମ୍ବ ପିଡ଼ିଆ ଜମି ପ୍ରସ୍ତୁତି ବେଳେ ଦିଆଯାଏ ।



ଲଗାଇବାର ୩୦ ଦିନ ପରେ ଇମିଡ଼ାକ୍ଲୋପ୍ରିଡ୍ (୧ମି.ଲି.୪ ଲି. ପାଣି) ସିଞ୍ଚନ କରନ୍ତୁ । ଅତଏବ ରୋଗପୋକ ନିରାକରଣ ସମ୍ବନ୍ଧୀୟ ବିବରଣୀ ସଂଲଗ୍ନ ସାରଣୀରେ ଦିଆଯାଇଛି ।

## ଅମଳ:

ପିଆଜ ଅମଳର ୧୫ ଦିନ ପୂର୍ବରୁ ଜଳସେଚନ ବନ୍ଦ ନ କଲେ ପିଆଜ ପତ୍ର ଶୁଖି ମରେ ନାହିଁ । ଯେତେବେଳେ ଫସଲ୍ ୭୦ ଭାଗ ପତ୍ର ଶୁଖି ଢଳିପଡେ ସେତେବେଳେ ଅମଳ କରିବାର ପ୍ରକୃଷ୍ଟ ସମୟ ବୋଲି ଜଣାଯାଏ । ସାଧାରଣତଃ ବର୍ଷାଦିନିଆ ପିଆଜ ଫସଲ ଶୀତ ଦିନେ ଅମଳ ହୋଇଥାଏ । ଏହି ସମୟରେ କମ୍ ତାପମାତ୍ରା ରହୁଥିବାରୁ ଫସଲର ପତ୍ର ଢଳେ ନାହିଁ ଓ ପୁଣି ବଢ଼ି ଗଲେ । ଏହା ଦ୍ୱାରା ମାଟି ତଳେ ପରିପକ୍ୱ ହୋଇଥିବା ପିଆଜଟି ନଷ୍ଟ ହୋଇଯାଏ । ଏହିପରି ହେଲେ ଫସଲ ଉପରେ ଏକ ଖାଲି ଡ୍ରମ୍ ଗଡାଇ ବା ବାଉଁଶ ବାଡେଇ ପତ୍ରକୁ ଜବରଦସ୍ତ ଢଳାଇ ଦିଆଯାଏ ଏବଂ ପରେ ଅମଳ କରାଯାଏ । ଅମଳ ପରେ ପିଆଜକୁ ଅତ୍ୟଧିକ ଜଳୀୟଅଂଶ ଶୁଖିବା ପାଇଁ ୨ ଦିନ ଜମିରେ ରଖାଯାଏ ।ସାଧାରଣତଃ ଏକର ପିଛା ୮୦ ରୁ ୧୦୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

## ଅମଳ ପରବର୍ତ୍ତୀ ଯତ୍ନ :

ଫସଲ ହଳଦିଆ ପଡିବା ପୂର୍ବରୁ ବା ଅମଳର ୧୫-୨୦ ଦିନ ପୂର୍ବରୁ ମାଲିକ୍ ହାଇଡ୍ରାଜାଇଟ୍ ୧.୫ ରୁ ଗ୍ରା ୧ ଲିଟର ପାଣିରେ ମିଶାଇ ଗଛ ଉପରେ ସ୍ପ୍ରେ କଲେ ଅମଳ ପରେ ପିଆଜ ଗଜା ନହୋଇ ବହୁତ ଦିନଯାଏ ରହିଥାଏ । ଅମଳ ସମୟରେ ପିଆଜଠାରୁ ୨.୫ ସେମି ନାଡ଼ ରଖି ବାକି ପତ୍ରକୁ ତେରେଛା କାଟି ଦିଆଯାଏ । ଚେର ଓ ମାଟି ସଫାକରି ପିଆଜକୁ ଶୁଖାଇ ରଖିଲେ ବହୁତ ଦିନଯାଏ ସାଇତି ରଖିହୁଏ । ଅମଳ ପରେ ପାଗ ଭଲ ଥିଲେ ଜମିରେ ବା ଅଳ୍ପ ଛାଇ ଜାଗାରେ ୩-୫ ଦିନ ଶୁଖାଇ ଦିଆଯାଏ । ଭଲ ପବନ ବାଜୁଥିବା ସିମେଣ୍ଟ ଚଟାଣରେ ପିଆଜକୁ ଶୁଖାଇ ମଝିରେ ମଝିରେ ଓଲଟପାଲଟ କଲେ ପିଆଜ ଶୀଘ୍ର ଶୁଖିଯାଇଥାଏ । ପିଆଜ ଭଲଭାବରେ ଶୁଖିଥିଲେ ଓ ଠିକ୍ ସମୟରେ ଅମଳ ହୋଇଥିଲେ ଏହାର ଅଗ୍ରଭାଗ ସରୁ ହୋଇଯାଇଥାଏ ଓ ବହୁତ ଦିନ ରହେ । ଭଲଭାବରେ ଶୁଖିଥିବା ପିଆଜରେ ୧ ଗ୍ରାମ କାର୍ବେଣ୍ଡାଜିମ୍ ୧ ଲିଟର ପାଣିରେ ଗୋଳାଇ ସ୍ପ୍ରେ କରି ଶୀତଳ ଭଣ୍ଡାରରେ ୦-୧.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଓ ଶତକଡା ୬୦ ଭାଗ ଆର୍ଦ୍ରତାରେ ରଖିଲେ ପିଆଜ ଗଜା ନହୋଇ ବହୁତ ଦିନ ରହିଥାଏ ।

| ରୋଗପୋକ ପରିଚାଳନା | | |
|---|---|---|
| ରୋଗ | ଲକ୍ଷଣ | ପ୍ରତିକାର |
| ତଳିପଚା ରୋଗ (Damping off Disease) | ଏହି ରୋଗ ଆକ୍ରାନ୍ତ ହେଲେ ତଳି ଘରାରେ ମାଟିକୁ ଲାଗିଥିବା କାଣ୍ଡର ଉପର ଅଂଶ ପଚି ମାଟିରେ ପଡିଯାଏ। | ଏକ କି.ଗ୍ରା. ବିହନ ପ୍ରତି କାପଟାନ କିମ୍ବା ଥିରାମ ୩ ଗ୍ରାମ୍ ଓ ୫ ଗ୍ରାମ ଟ୍ରାଇକୋଡର୍ମା କଲଚରରେ ବିହନ ବିଶୋଧନ କରିବା ଉଚିତ୍। |
| ବାଦାମୀ ଦାଗ ରୋଗ (Purple Blotch) | ଏହି ରୋଗ ସାଧାରଣତଃ ପତ୍ର, କାଣ୍ଡ ଏବଂ ପିଆଜକୁ ଆକ୍ରାନ୍ତ ହୋଇଥାଏ ।ଆକ୍ରାନ୍ତ ଅଂଶରେ ଧଳା ହୋଇ ଭିତରକୁ ପଶିଯାଇଥିବା ଦାଗମାନ ଦେଖାଯାଏ ଏବଂ ଏହି ଧଳା ଦାଗର ମଝିରେ ବାଦାମୀ ରଙ୍ଗର ଦାଗ ଦେଖାଦେଇଥାଏ । ପତ୍ର ଏବଂ କାଣ୍ଡ ଆକ୍ରାନ୍ତ ଅଂଶରୁ ଭାଙ୍ଗି ପଡିଥାଏ। | କପର ଅକ୍ସିକ୍ଲୋରାଇଡ୍-୫୦- ଡବ୍ଲୁପିକୁ ଏକ ଲିଟର ପାଣିରେ ୪ ଗ୍ରାମ ହିସାବରେ ହେକ୍ଟର ପ୍ରତି ୨୫୦-୩୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଉଚିତ୍। |
| ଡାଉନି ମିଲଡ୍ୟୁ (Downy Mildew) | ପିଆଜର କାଣ୍ଡ ଏବଂ ପତ୍ରରେ ବାଇଗଣି ରଙ୍ଗର ତୁଳାପରି ଅଭିବୃଦ୍ଧି ଦେଖିବାକୁ ମିଳେ। | ରିଡୋମିଲ୍ ଏସ୍.ଜେ.ଡ କିମ୍ବା ଇଣ୍ଡୋଫିଲ ଏମ-୪୫କୁ ଏକ ଲିଟର ପାଣିରେ ୩.୦ ଗ୍ରାମ ହିସାବରେ ହେକ୍ଟର ପ୍ରତି ୨୫୦-୩୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଉଚିତ୍। |
| ପିଆଜର ଉକୁଣିଆ ପୋକ (Onion Thrips) | ଉକୁଣିଆ ପୋକ ଆକ୍ରାନ୍ତ ପତ୍ର ବଙ୍କା ହୋଇ ଭାଙ୍ଗିଯାଏ ଏବଂ ଅଧିକ ଆକ୍ରାନ୍ତ ହେଲେ ପତ୍ର ଶୁଖିଯାଏ। ଆକ୍ରାନ୍ତ ଗଛରେ ଫୁଲ ଆସେ ନାହିଁ କି ପିଆଜ ମଧ ଭଲ ବଢେ ନାହିଁ। | ମାଲାଥିଅନ - ୫୦ ଇସି କିମ୍ବା ଡାଇମେଥୋଏଟ୍ - ୩୦ ଇସି ୧.୦ଲିଟର ଔଷଧକୁ ହେକ୍ଟର ପ୍ରତି ୨୫୦-୩୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦରକାର |
| ଅଷ୍ଟପଦୀ (Mite) | ଆକ୍ରାନ୍ତ ପତ୍ରରେ ହଳଦିଆ ଦାଗ ମାନ ଦେଖାଯାଏ ଏବଂ ଗଛ ବଢେନାହିଁ। | ମିଥାଇଲ ଡେମେଟନ୍- ୨୫ ଇସି କିମ୍ବା ଡାଇମେଥୋଏଟ୍ - ୩୦ ଇସି ୧.୦ଲି. ଔଷଧ ସହିତ ୧.୦ ଲିଟର ନିମ୍ବଜାତୀୟ ବିଷ ହେକ୍ଟର ପ୍ରତି ୨୫୦-୩୦୦ ଲିଟର ପାଣିରେ ସିଞ୍ଚନ କଲେ ସୁଫଳ ମିଳେ। |
| ପିଆଜ ମାଛି (Onion Fly) | ପିଆଜ ମଞ୍ଜିର ଶୁକ ମାଟିରେ ବଢୁଥିବା ପିଆଜକୁ ଖାଇଥାଏ । ଆକ୍ରାନ୍ତ ପିଆଜ କାଳକ୍ରମେ କବକ ଦ୍ୱାରା ଆକ୍ରାନ୍ତ ହୋଇ ପଚିଯାଏ। | କାର୍ବୋଫ୍ୟୁରାନ୍-୩ କି. ହେକ୍ଟର ପ୍ରତି ୨୫.୦ କି.ଗ୍ରା. ପିଆଜ ଗଣ୍ଠା ଲଗାଇବା ସମୟରେ ମାଟିରେ ଭଲ ଭାବରେ ମିଶାଇ ଦେବା ଉଚିତ୍। |
| ପିଆଜର ପତ୍ରକଟା ପୋକ (Onion Cut wrom) | ପିଆଜ ଗଣ୍ଠାର ମୂଳ ଅଂଶକୁ ରାତିରେ କାଟି ଦେଇଥାଏ। | କ୍ଲୋରୋପାଇରିଫସ୍-୨୦ ଇସି ଏକ ଲିଟର ପାଣିରେ ୨.୦ ମି.ଲି. ଔଷଧ ମିଶାଇ ସିଞ୍ଚନ କରିବା ଉଚିତ୍ |